# CSCS

News Clipping 31st July, 2017

| Client | CSCS |
|---|---|
| Publication | The Samaja |
| Date | 31st July,2017 |
| Page | 17 |
| Headline | Seminar on District Mineral Foundation<br>District Mineral fund is unable to be spent |

### ଜିଲା ଖଣିଜ ଫାଉଣ୍ଡେସନ୍ କର୍ମଶାଳା

# ଖର୍ଚ୍ଚ ହୋଇପାରୁନି ଜିଲା ଖଣିଜ ଉନ୍ନୟନ ପାଣ୍ଠି

ଭୁବନେଶ୍ୱର,୩୦।୭(ନି.ପ୍ର.): ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା ସହିତ ଜିଲା ଖଣିଜ ଉନ୍ନୟନ୍ ଟ୍ରଷ୍ଟ ଗଠନ ହେବା ଦ୍ୱାରା ଖଣିଜ ସମ୍ପଦରେ ଭରି ରହିଥିବା ଭାରତୀୟ ଖଣିଜ ଶିଳ୍ପ ଏବେ ସେହି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ପ୍ରଗତି ନିମନ୍ତେ ଆହୁରି ଅଧିକ ପ୍ରୟାସ କରୁଛି । ଏହିସବୁ ଯୋଜନା ପ୍ରଣୟନ କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଛି ପ୍ରଭାବ ବିହୀନ କ୍ରିୟାନ୍ୱୟନ । ଫଳ ସ୍ୱରୂପ ଖର୍ଚ୍ଚ ହୋଇପାରୁନାହିଁ ଜିଲା ଖଣିଜ ଉନ୍ନୟନ ପାଣ୍ଠି । ରାଜ୍ୟରେ ଜିଲା ଖଣିଜ ଉନ୍ନୟନ ଟ୍ରଷ୍ଟକୁ ବର୍ତ୍ତମାନ ସୁଦ୍ଧା (୨୦୧୬-୧୭) ୧୨୩୩ କୋଟି ଟଙ୍କା ମିଳିସାରିଥିବାବେଳେ ସେଥିରୁ ଖର୍ଚ୍ଚ ହୋଇଛି ମାତ୍ର ୨୨କୋଟି ଟଙ୍କା ବୋଲି କହିଛନ୍ତି ନାଲ୍‌କୋ ସିଏମ୍‌ଡି ଡଃ ତପନ କୁମାର ଚାନ୍ଦ ।




ରବିବାର ଭୁବନେଶ୍ୱରଠାରେ ଜିଲା ଖଣିଜ ଫାଉଣ୍ଡେସନ୍ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଚାନ୍ଦ କହିଲେ, ଏ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବାକୁ ହେଲେ ଆମକୁ ଟ୍ରଷ୍ଟର ସଂରଚନାତ୍ମକ ପରିବର୍ତ୍ତନ କରିବା ସହିତ ଏପରି ଏକ ପଦ୍ଧତି ନିର୍ମାଣ କରିବାକୁ ହେବ ଯାହା ସ୍ୱଚ୍ଛ ଖର୍ଚ୍ଚରେ ଏହିଭଳି ହିତିକାଂକ୍ଷୀ ଯୋଜନାକୁ ଅଧିକ ଦକ୍ଷତାର ସହ ପ୍ରଣୟନ କରିପାରୁଥିବ । ଏହିସବୁ ଯୋଜନାର ରୂପାୟନରେ ଖଣିଜ ଶିଳ୍ପ ଓ ସ୍ଥାନୀୟ ନାଗରିକ ସମାଜକୁ ସାମିଲ କରିବାକୁ ଡଃ ଚାନ୍ଦ ତାଙ୍କ ଭାଷଣରେ ଗୁରୁତ୍ୱ ଦେଇଥିଲେ । ତେବେ ସ୍ଥାନୀୟ ଶିଳ୍ପ ସଂସ୍ଥା ନିଜର ଅଭିଜ୍ଞତା ଏବଂ ଦକ୍ଷତାର ଉପଯୋଗ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ କରିପାରିବେ । କିନ୍ତୁ ପରିତାପର ବିଷୟ ଯେ, ବର୍ତ୍ତମାନ ଖଣିଜ ଅଞ୍ଚଳ ଉନ୍ନୟନ ବ୍ୟବସ୍ଥାରେ ନାଗରିକ ସମାଜ ଓ ଶିଳ୍ପସଂସ୍ଥାଙ୍କ ଭୂମିକାକୁ ସ୍ଥାନ ନ ଦେଇ ଏଥିରେ କେବଳ ସର୍ବସାଧାରଣ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ସାମିଲ କରାଯାଇଛି । ଯାହା ଫଳରେ ଏକ ପ୍ରଭାବଶାଳୀ ପ୍ରଣୟନ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ସେ ଅଭିହିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେପି ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଯୋଗଦେଇଥିବାବେଳେ ଅହମ୍ମଦାବାଦ ସ୍ଥିତ ଏଣ୍ଟପ୍ରାଇଜ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପୂର୍ବତନ ପ୍ରଫେସର ଡଃ ସିଦ୍ଧାର୍ଥ ଶଙ୍କର ଦାଶ ଏବଂ ଟଟା ଷ୍ଟିଲର ପାର୍ଥସାରଥି ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

| Client | CSCS |
|---|---|
| Publication | The Prameya |
| Date | 31st July,2017 |
| Page | 19 |
| Headline | District Mineral Foundation fund in Odisha<br>1233 crores collection, spent 22 crores |

# ଓଡ଼ିଶାରେ ଜିଲ୍ଲା ଖଣିଜ ଫାଉଣ୍ଡେସନ ପାଣ୍ଠି
# ପାଇଛି ୧୨୩୩ କୋଟି, ଖର୍ଚ୍ଚ ୨୨ କୋଟି




ଭୁବନେଶ୍ୱର,୩୦ା୭(ବ୍ୟୁରୋ): ଖଣି ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ଗଠନ କରିଥିବା ଜିଲ୍ଲା ଖଣିଜ ଫାଉଣ୍ଡେସନ ସ୍କିମ୍ ଜରିଆରେ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୧,୨୩୩ କୋଟି ଟଙ୍କା ପାଇଛି। ତେବେ ସେଥିମଧ୍ୟରୁ କେବଳ ୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। 'ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ଏହାର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରୁ ଏହି ସୂଚନା ମିଳିଛି।

ଦେଶର ଖଣି ଅଞ୍ଚଳର ଲୋକମାନଙ୍କ ଜୀବନ ଶୈଳୀରେ ସୁଧାର ଆଣିବା ସହ ଏ ଅଞ୍ଚଳ ବିକାଶ ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଖଣି କ୍ଷେତ୍ର କଲ୍ୟାଣ ଯୋଜନା ଆଣିଛନ୍ତି। ଜିଲା ଖଣିଜ ଫାଉଣ୍ଡେସନ ଗଠନ କରିଛନ୍ତି। ତେବେ ଏହି ସ୍କିମ୍‌ଗୁଡ଼ିକର ଦକ୍ଷ କାର୍ଯ୍ୟକାରିତା ଅଭାବରୁ ତାହାର ସୁଫଳ ମିଳିପାରୁନାହିଁ।

ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗ ଦେଇ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଡ. ତପନ କୁମାର ଚାନ୍ଦ କହିଛନ୍ତି, ଜିଲ୍ଲା ଖଣିଜ ଫାଉଣ୍ଡେସନର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ନେଇ ଏଥିରେ ଢାଞ୍ଚାଗତ ପରିବର୍ତ୍ତନ ଆବଶ୍ୟକ। ସ୍କିମ୍‌ଗୁଡ଼ିକର ସଫଳ ରୂପାୟନରେ ଖଣି ଶିଳ୍ପ ଓ ସ୍ଥାନୀୟ ନାଗରିକ ସମାଜକୁ ସାମିଲ କରିବା ଦିଗରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଏ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ବିଧାୟକ ଅନଙ୍ଗ ଉଦୟ ସିଂହଦେଓ, ଅହମ୍ମଦାବାଦ୍ ଏଣ୍ଟରପ୍ରାଇଜ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପୂର୍ବତନ ପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ଦାଶ ଉପସ୍ଥିତ ଥିଲେ।

| Client | CSCS |
| --- | --- |
| Publication | The Pragatibadi |
| Date | 31st July,2017 |
| Page | 10 |
| Headline | Seminar on District Mineral Foundation |

# ଜିଲ୍ଲା ଖଣିଜ ଫାଉଣ୍ଡେସନ ସେମିନାର




ଭୁବନେଶ୍ୱର,୩୦।୭(ପିଏନଏନ): ଭାରତ ସରକାରଙ୍କ ବିକାଶୋନ୍ମୁଖି ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା ସହିତ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟର ଗଠନ ଦ୍ୱାରା ଖଣି ସମ୍ପଦରେ ଭରା ଭାରତୀୟ ଖଣିଜ ଶିଳ୍ପ ଜଗତ ଏବେ ଖଣି ଅଞ୍ଚଳର ତଥା ସେଠାକାର ବାସିନ୍ଦା ମାନଙ୍କର ପ୍ରଗତି ନିମନ୍ତେ ଆହୁରି ଅଧିକ ପ୍ରୟାସ କରିବାକୁ ଯାଉଛି। ତେବେ ଏପରି ହିତାକାଂକ୍ଷୀ ଯୋଜନା ପ୍ରଣୟନ କ୍ଷେତ୍ରରେ ମୁଖ୍ୟ ବାଧକ ହେଉଛି ପ୍ରଭାବହୀନ କ୍ରିୟାନ୍ୱୟନ। ଓଡିଶାରେ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟକୁ ଏଯାବତ ୧୨୩୩ କୋଟି ଟଙ୍କା ମିଳିସାରିଥିବା ବେଳେ ସେଥିରୁ ମାତ୍ର ୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ସେଣ୍ଟର ଫର ଷ୍ଟଡି ଅଫ କଣ୍ଟେମ୍ପରାରି ସୋସାଇଟିସ ପକ୍ଷରୁ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଲକୋ ଅଧକ୍ଷ ଡଃ ତପନ କୁମାର ଚାନ୍ଦ କହିଥିଲେ ଯେ, ଏସବୁ ବାଧା ଦୂର କରିବାକୁ ହେଲେ ଆମକୁ ଟ୍ରଷ୍ଟର ସଂରଚନାତ୍ମକ ପରିବର୍ତ୍ତନ କରିବା ସହିତ ଏପରି ଏକ ପଦ୍ଧତି ନିର୍ମାଣ କରିବାକୁ ହେବ ଯାହା ସ୍ୱଳ୍ପଖର୍ଚ୍ଚରେ ହିତାକାଂକ୍ଷୀ ଯୋଜନାର ପ୍ରଣୟନ ଅଧିକ ଦକ୍ଷତାର ସହିତ କରିପାରୁଥିବ। ଏହିସବୁ ଯୋଜନାର ରୂପାୟନରେ ଖଣିଜ ଶିଳ୍ପ ଜଗତ ଓ ସ୍ଥାନୀୟ ନାଗରିକ ସମାଜକୁ ସାମିଲ କରିବାକୁ ଡଃ ଚାନ୍ଦ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ପାଟଣାଗଡ ବିଧାୟକ ଅନଙ୍ଗ ଉଦୟ ସିଂହଦେଓ, ଅହମ୍ମଦାବାଦସ୍ଥିତ ଏଣ୍ଟରପ୍ରାଇଜ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟର ପୂର୍ବତନ ପ୍ରଫେସର ଡଃ ସିଦ୍ଧାର୍ଥ ଶଙ୍କର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିମାନେ ଏହି ସଂସ୍ଥା ଦ୍ୱାରା ପ୍ରସ୍ତୁତ ନ୍ୟୁଜ ଲେଟର 'ଅନ୍ୱେଷା'ର ଉନ୍ମୋଚନ କରିଥିଲେ।

| | |
|---|---|
| Client | CSCS |
| Publication | The Sarbasadharana |
| Date | 31st July,2017 |
| Page | 04 |
| Headline | Let development prevail on a low expenditure<br>Seminar on District Mineral Foundation |

# ସ୍ୱଳ୍ପଖର୍ଚ୍ଚରେ ହିତାକାଂକ୍ଷୀ ଯୋଜନା ପ୍ରଣୟନ ହେଉ

## ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ପକ୍ଷରୁ କର୍ମଶାଳା

ଭୁବନେଶ୍ବର, (ବ୍ୟୁରୋ): କେନ୍ଦ୍ର ସରକାରଙ୍କ ବିକାଶୋନ୍ମୁଖୀ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା ସହିତ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟର ଗଠନ ହେବା ଦ୍ୱାରା ଖଣିସମ୍ପଦରେ ଭରା ଭାରତୀୟ ଖଣିଜ ଶିଳ୍ପ ଜଗତ ଏବେ ଖଣି ଅଞ୍ଚଳର ତଥା ସେଠାକାର ବାସିନ୍ଦାମାନଙ୍କର ପ୍ରଗତି ନିମନ୍ତେ ଆହୁରି ଅଧିକ ପ୍ରୟାସ କରିବାକୁ ଯାଉଛି। ତେବେ ଏପରି ହିତାକାଂକ୍ଷୀ ଯୋଜନା ପ୍ରଣୟନ କ୍ଷେତ୍ରରେ ମୁଖ୍ୟ ବାଧକ ହେଉଛି ପ୍ରଭାବ ବିହୀନ କ୍ରିୟାନ୍ୱୟନ। ଓଡିଶାରେ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟକୁ ଏଯାବତ୍ ୧୨୩୩କୋଟି ଟଙ୍କା ୨୦୧୬-୧୭ ଆର୍ଥିକ ବର୍ଷ ନିମନ୍ତେ ମିଳିସାରିଥିବାବେଳେ ସେଥିରୁ ଖର୍ଚ୍ଚ ହୋଇଛି ମାତ୍ର ୨୨କୋଟି ଟଙ୍କା। ଏ ସମ୍ପର୍କରେ ଆୟୋଜିତ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍କୋର ସିଏମ୍‌ଡି ତପନ କୁମାର ଚାନ୍ଦ କହିଲେ ଯେ ଏସବୁ ବାଧା ଦୂର କରିବାକୁ ହେଲେ ଆମକୁ ଟ୍ରଷ୍ଟର ସରଞ୍ଚନାତ୍ମକ ପରିବର୍ତ୍ତନ କରିବା ସହିତ ଏପରି ଏକ ନିର୍ମାଣ କରିବାକୁ ହେବ ଯାହା ସ୍ୱଳ୍ପ ଖର୍ଚ୍ଚରେ ହିତାକାଂକ୍ଷୀ ଯୋଜନାର ପ୍ରଣୟନ ଅଧିକ ଦକ୍ଷତାର ସହ କରିପାରିବ। ଏସବୁ ଯୋଜନାର ରୂପାୟନରେ ଖଣିଜ ଶିଳ୍ପ ଜଗତ ଓ ସ୍ଥାନୀୟ ନାଗରିକ ସମାଜକୁ ସାମିଲ କରିବାକୁ ଡ.ଚାନ୍ଦ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଖଣିଜ ଶିଳ୍ପ ସଂସ୍ଥା ସହ ଜଡିତ କୁପ୍ରଭାବ ବିଷୟରେ ସର୍ବଦା ସଚେତନ ଥାଆନ୍ତି। ଏତଦ୍‌ବ୍ୟତୀତ ସ୍ଥାନୀୟ ଖଣିଜ ଶିଳ୍ପ ସଂସ୍ଥା ନିଜସ୍ୱ ଅଭିଜ୍ଞତା ଓ ଦକ୍ଷତାର ଉପଯୋଗ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ କରିପାରିବେ। ହେଲେ ପରିତାପର ବିଷୟ ବର୍ତ୍ତମାନର ଖଣିଜ ଉନ୍ନୟନ ବ୍ୟବସ୍ଥାରେ ନାଗରିକ ସମାଜ ଓ ଶିଳ୍ପସଂସ୍ଥାଙ୍କ ଭୂମିକାକୁ ସ୍ଥାନ ନଦିଆଯାଇ ଏଥିରେ କେବଳ ସର୍ବସାଧାରଣ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ସାମିଲ କରାଯାଇଛି। ଯାହାଫଳରେ ଏକ ପ୍ରଭାବଶାଳୀ ପ୍ରଣୟନ ବ୍ୟବସ୍ଥାର ନିର୍ମାଣ ହୋଇପାରୁନି। ସେଣ୍ଟର ଫର୍ ଷ୍ଟଡି ଅଫ୍ କନ୍‌ଟେମ୍ପରାରି ସୋସାଇଟିଜ୍ ପକ୍ଷରୁ ଆୟୋଜିତ ଏହି କର୍ମଶାଳରେ ବିଧାୟକ କେଭି ସିଂହଦେଓ, ପୂର୍ବତନ ପ୍ରଫେସର ଡ. ସିଦ୍ଧାର୍ଥ ଶଙ୍କର ଦାସ, ଡ. ପାର୍ଥସାରଥି ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ନ୍ୟୁଜ୍ ଲେଟର୍ 'ଅନ୍ୱେଷା'ର ଉନ୍ମୋଚନ ହୋଇଥିଲା।



| | |
|---|---|
| Client | CSCS |
| Publication | The Suryaprabha |
| Date | 31st July,2017 |
| Page | 04 |
| Headline | Seminar on District Mineral Foundation<br>Importance to the development of people residing in mining areas |



ଜିଲା ଖଣିଜ ଫାଉଣ୍ଡେସନର ସେମିନାର

# ଖଣିଜ ସଂପଦରେ ସମୃଦ୍ଧ ଅଞ୍ଚଳର ଲୋକଙ୍କ ବିକାଶ ଉପରେ ଗୁରୁତ୍ୱ

| Client | CSCS |
|---|---|
| Publication | The Odisha Bhaskar |
| Date | 31st July,2017 |
| Page | 10 |
| Headline | Seminar on District Mineral Foundation<br>Important to strategize on a low expenditure: Nalco CMD |

## ଜିଲ୍ଲା ଖଣିଜ ଫାଉଣ୍ଡେସନ ସେମିନାର

# ସ୍ୱଳ୍ପଖର୍ଚ୍ଚରେ ହିତାକାଂକ୍ଷୀ ଯୋଜନାର ପ୍ରଣୟନ ଆବଶ୍ୟକ: ନାଲକୋ ସିଏମ୍‌ଡି

ଭୁବନେଶ୍ୱର, (ଆ.ପ୍ର.) : ଭାରତ ସରକାରଙ୍କ ବିକାଶୋନ୍ମୁଖୀ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା ସହିତ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟର ଗଠନ ହେବା ଦ୍ୱାରା ଖଣି ସମ୍ପଦରେ ଭରା ଭାରତୀୟ ଖଣିଜ ଶିଳ୍ପ ଜଗତ ଏବେ ଖଣି ଅଞ୍ଚଳର ତଥା ସେଠାକାର ବାସିନ୍ଦାମାନଙ୍କର ପ୍ରଗତି ନିମନ୍ତେ ଆହୁରି ଅଧିକ ପ୍ରୟାସ କରିବାକୁ ଯାଉଛି। ତେବେ ଏପରି ହିତାକାଂକ୍ଷୀ ଯୋଜନା ପ୍ରଣୟନ କ୍ଷେତ୍ରରେ ମୁଖ୍ୟ ବାଧକ ହେଉଛି ପ୍ରଭାବବିହୀନ କ୍ରିୟାନ୍ୱୟନ। ଓଡ଼ିଶାରେ ଜିଲ୍ଲା ଖଣିଜ ଉନ୍ନୟନ ଟ୍ରଷ୍ଟକୁ ଏଯାବତ ୧,୨୩୩ କୋଟି ଟଙ୍କା ମିଳିସାରିଥିବା ବେଳେ (୨୦୧୬-୧୭) ନିମନ୍ତେ। ସେଥିରୁ ଖର୍ଚ୍ଚ ହେଉଛି ମାତ୍ର ୨୨ କୋଟି ଟଙ୍କା। ଏ ସମ୍ପର୍କରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଲକୋ ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ କରିଥିଲେ ଯେ, ଏ ସବୁ ବାଧା ଦୂର କରିବାକୁ ହେଲେ ଆମକୁ ଟ୍ରଷ୍ଟର ସଂରଚନାତ୍ମକ ପରିବର୍ତ୍ତନ କରିବା ସହିତ ଏପରି ଏକ ପଦ୍ଧତି ନିର୍ମାଣ କରିବାକୁ ହେବ ଯାହା ସ୍ୱଳ୍ପଖର୍ଚ୍ଚରେ ହିତାକାଂକ୍ଷୀ ଯୋଜନାର ପ୍ରଣୟନ ଅଧିକ ଦକ୍ଷତାର ସହିତ କରିପାରୁଥିବ। ଏହିସବୁ ଯୋଜନାର ରୂପାୟନରେ ଖଣିଜ ଶିଳ୍ପ ଜଗତ ଓ ସ୍ଥାନୀୟ ନାଗରିକ ସମାଜକୁ ସାମିଲ କରିବାକୁ ଡଃ ଚାନ୍ଦ ତାଙ୍କ ଭାଷଣରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନେ ଖଣିଜ ଶିଳ୍ପସଂସ୍ଥା ସହ ଜଡ଼ିତ କୁପ୍ରଭାବ ବିଷୟରେ ସର୍ବଦା ସ୍ୱର ସଚେତନ ଥାନ୍ତି। ଏତଦ୍‌ବ୍ୟତୀତ ସ୍ଥାନୀୟ ଖଣିଜ ଶିଳ୍ପସଂସ୍ଥା ନିଜସ୍ୱ ଅଭିଜ୍ଞତା ଓ ଦକ୍ଷତାର ଉପଯୋଗ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ କରିପାରିବେ। ହେଲେ ପରିତାପର ବିଷୟ ହେଲେ ଏବର ଖଣିଜ ଅଞ୍ଚଳ ଉନ୍ନୟନ ବ୍ୟବସ୍ଥାରେ ନାଗରିକ ସମାଜ ଓ ଶିଳ୍ପ ସଂସ୍ଥାଙ୍କ ଭୂମିକାକୁ ସ୍ଥାନ ନ ଦିଆଯାଇ ଏଥିରେ କେବଳ ସର୍ବସାଧାରଣ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ସାମିଲ କରାଯାଇଛି ଯାହା ଫଳରେ ଏକ ପ୍ରଭାବଶାଳୀ ପ୍ରଣୟନ ବ୍ୟବସ୍ଥାର ନିର୍ମାଣ ହୋଇପାରୁନାହିଁ। ଏ ସମ୍ପର୍କରେ ନାଲକୋର ସାମାଜିକ ଦାୟିତ୍ୱ ନିର୍ବାହୀ ସଂସ୍ଥା ନାଲକୋ ଫାଉଣ୍ଡେସନ ଉଦାହରଣ ଦେଇ ଡଃ ଚାନ୍ଦ କହିଥିଲେ ଯେ, ଏହି ସଂସ୍ଥା ପେଷଦାର ପଦ୍ଧତିରେ କାମ କରିବା ପାଇଁ ଏହା ଅଧିକ ପ୍ରଭାବଶାଳୀ ହୋଇପାରିଛି। ନାଲକୋ ଫାଉଣ୍ଡେସନ ଆରମ୍ଭରୁ ହିଁ କମ୍ପାନୀ ନିମନ୍ତେ ଆବଶ୍ୟକ ବିଭିନ୍ନ ସେବା ଯଥା ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ୱଚ୍ଛତା, ଦକ୍ଷତା ବିକାଶ ଟ୍ରେନିଂ, କ୍ରୀଡ଼ା, କଳା ଓ ସଂସ୍କୃତିର ବିକାଶ, ସାମାଜିକ ସଂରଚନାର ବିକାଶ, ପେୟଜଳ ଓ ପରିବେଶ ସୁରକ୍ଷା ପ୍ରଭୃତି ନିମନ୍ତେ କମ୍ପାନୀ ଆୟରୁ କିଭଳି ଉପଯୁକ୍ତ ହିସାବରେ ଖର୍ଚ୍ଚ ହୋଇପାରିବ ସେ ବିଷୟରେ ଚେଷ୍ଟିତ, ସେ କହିଥିଲେ। ଏହି କର୍ମଶାଳାରେ ଅନଙ୍ଗ ଉଦୟ ସିଂଦେଓ, ମାନ୍ୟବର ବିଧାୟକ ପାଟଣାଗଡ଼ ଓ ଅହମ୍ମଦାବାଦସ୍ଥିତ ଏଣ୍ଟରପ୍ରାଇଜ୍ ଡେଭଲମେଣ୍ଟ ଇନଷ୍ଟିଚ୍ୟୁଟ୍‌ର ପୂର୍ବତନ ପ୍ରଫେସର ଡଃ ସିଦ୍ଧାର୍ଥ ଦାଶ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ



| Client | CSCS |
|---|---|
| Publication | The Pioneer |
| Date | 31st July,2017 |
| Page | 02 |
| Headline | Dist Mineral Foundations yet to achieve goals |

# Dist Mineral Foundations yet to achieve goal

## Mere ₹22 cr out of ₹1,233 cr spent in Odisha




PNS ■ BHUBANESWAR

With rich mineral resources and schemes like the Pradhan Mantri Khanij Kshetra Kalyan Yojana and setting up of District Mineral Foundations (DMFs), the mining sectors in the country are all set to address the developmental issues of the mining areas and people living around these areas.

However, success of these schemes is yet to be achieved due to lack of effective implementation. With a fund allocation under District Mineral Foundations for Odisha, hovering around ₹1,233 crore (for 2016-17), the expenditures so far is a mere ₹22 crore.

This was observed by knowledgeable speakers at the inaugural session of a State-level workshop on "Understanding District Mineral Foundation & Its Role" held here on Sunday.

"To address the roadblocks, we need to make structural changes and develop a precise delivery system that is flexible with low-cost operation and should be professional in approach," said Nalco CMD Dr Tapan Kumar Chand while addressing the session as chief guest. He also underlined the importance of inclusion of civil society members and industry bodies who are contributing to the District Mineral Foundations as core team members within the structural list of implementers.

"It's a paradox that the present structural system of policy implementers under DMFs has confined it only to the law and order authorities and has ignored the role of civil society and industry bodies, thus defeating the very purpose of an effective implementation mechanism," said Chand.

Among others, MLA KV Singh Deo and Dr Siddartha Sankar Dash, former Professor, Entrepreneurship Development Institute, Ahmadabad, were notably present on the occasion. The workshop was organised by the Centre for the Study of Contemporary Societies (CSCS). CSCS newsletter 'Anwesha' was also released on the occasion.

| | |
|---|---|
| Client | CSCS |
| Publication | The Political & Business Daily |
| Date | 31st July,2017 |
| Page | 03 |
| Headline | Mining sectors all set to address devpt issues: Chand |

# Mining sectors all set to address devpt issues: Chand

**PBD BUREAU**

BHUBANESWAR, JULY 30

With rich mineral resources and revolutionary schemes like Pradhan Mantri Khanij Kshetra Kalyan Yojana and setting up of District Mineral Foundations, mining sectors in the country are all set to address the developmental issues of the mining areas and people living around these areas, said Chairman and Managing Director of NALCO Dr Tapan Kumar Chand.

Speaking at a State level workshop on theme-Understanding District Mineral Foundation and its Role here today, Chand said however, success to these schemes is yet to be achieved due to lack of effective implementation. "With a fund allocation figure under District Mineral Foundation for Odisha, hovering around 1233 crore (for 2016-17), the expenditures so far is mere 22 crore", he added. "To address the roadblocks, we need to make structural changes and develop a precise delivery system that is flexible with low cost operation and should be professional in approach", said Dr Chand.

The CMD of the Navaratna Public Sector Undertaking also underlined the importance of inclusion of civil society members and industry bodies who are contributing to the District Mineral Foundations as core team members within the structural list of implementers. "Civil society members are always in the forefront in taking up the cause of the people affected by mining activities, besides Industry bodies as professional bodies can also share their experience and expertise for effective implementation of developmental activities. It is a paradox that the present structural system of policy implementers under District Mineral Foundations has confined it only to the law and order authorities and has ignored the role of Civil Society and Industry bodies thus defeating the very purpose of effective implementation mechanism", said Dr Chand.

Citing the example of Nalco Foundation – the CSR arm of the company, he shared his views that as an independent body, the Foundation has been effective only due to its flexible and professional approach. "Nalco Foundation from its inception has ensured that the wealth created from mining activities has been spent judiciously on issues that matters the most to the company that includes education, health care, sanitation, skill development, sports, promotion of art & culture, infrastructure development environment conservation, drinking water supply etc" Dr Chand added.




On District Mineral Fund (DMF), Dr Chand said, "The fund should have a low cost operation and the per capita delivery should be as minimum as possible in order to make the fund a successful one". He further stated this method has brought success in many countries including Canada. "We expect this fund to bring improvement in the conditions of people", he added.

The fund will be collected from the mining companies and how it will be used will be decided by the State. Through the seminar People were made aware about the amount that will be collected through DMF as their right rather than a donation. The money is to be spent for uplifting the socio-economic status of the poor people who are affected by mining operation of that area. This amount can be used for various purposes like fighting hunger and malnutrition, better health, drinking water, sanitation, education, training centre for skill development, housing, social security for senior citizens and physically handicapped, etc.

Addressing media persons about the objective of the seminar, Chairperson of CSCS Siddhartha Sankar Dash said, "The prime objective of the seminar is to aware the grass root level about the District Mineral Fund and how it will be utilised to compensate the displaced people in the mining areas and make efforts to restore them their livelihood, health, education and other necessities."

Among others, MLA Patnagarh, Kanak Vardhan Singhdeo, and former Professor, Entrepreneurship Development Institute, Ahmedabad Siddartha Sankar Dash were present on the occasion. The workshop is being organised by the Centre for the Study of Contemporary Societies (CSCS). On the CSCS newsletter 'Anwesha' was also released by the guests.

| | |
|---|---|
| Client | CSCS |
| Publication | The Statesman |
| Date | 31st July,2017 |
| Page | 14 |
| Headline | Mineral Wealth |

## MINERAL WEALTH




At a workshop on District Mineral Foundation by Centre for Study of Contemporary Societies. ■ SNS

| | |
|---|---|
| Client | CSCS |
| Publication | The Sanmarg |
| Date | 31st July,2017 |
| Page | 03 |
| Headline | CSCS organised seminar on District Mineral Foundation |

# डिस्ट्रिक्ट मिनरल फाउंडेशन पर सीएससीएस का सेमीनार आयोजित

भुवनेश्वर : समर्थ जीवन ट्रस्ट की इकाई सेंटर फार दी स्टडी आफ कंटंपरेरी सोसाइटीज (सीएससीएस) की ओर से डिस्ट्रिक्ट मिनरल फाउंडेशन (डीएमएफ) के बारे में लोगों को जागरूक करने के लिए एक दिवसीय सम्मेलन आयोजित किया गया। बतौर मुख्य अतिथि नालको के सीएमडी डा तपन कुमार चांद ने सम्मानित अतिथि पूर्व उद्योग एवं शहरी विकास मंत्री तथा विधायक केवी सिंहदेव और टाटा स्टील के सीएचआरएम (ओएचक्यू डिविजन) डा पार्थसारथी मिश्र की उपस्थिति में इसका उद्घाटन किया। इस अवसर पर अतिथियों ने सीएससीएस के द्विमासिक पत्र अन्वेषा का भी विमोचन किया। इस सम्मेलन में ग्राम सभा, जिला परिषदों, खनन गतिविधियों से जुड़े विभिन्न संघों, एनजीओ के प्रतिनिधि एवं खनन गतिविधियों से प्रभावित होने वाले शेयरधारकों को डीएमएफ के बारे में जानकारी दी गई और बताया गया कि कैसे यह खनन गतिविधियों से प्रभावित होने वाले लोहों के हितों की रक्षा करेगा और उनके लिए लाभदायक है। खदान एवं खनिज (विकास एवं विनिमय) संशोधन अधिनियम 2015 के तहत खनन गतिविधियों के कारण प्रभावित होने वाले लोगों और क्षेत्रों के हितों की रक्षा और लाभ के लिए काम करने के उद्देश्य से डिस्ट्रिक्ट मिनरल फाउंडेशन का गठन किया गया है। देश के सभी खदान वाले जिलों में डीएमएफ की स्थापना होनी है और खनन कंपनियां राजस्व का 10-30 प्रतिशत इस कोष में देंगी। डीएमएफ के




प्रावधान ने खनन प्रभावित समुदायों के सामाजिक-आर्थिक उत्थान का मार्ग प्रशस्त किया है। कंपनियों से संग्रह किया गया कोष कैसे इस्तेमाल किया जायेगा, यह राज्य फैसला करेंगे। इस सेमीनार के माध्यम से लोगों को बताया गया कि डीएमएफ के तहत संग्रह की गई राशि उनका अधिकार है, न की दान। इस राशि का इस्तेमाल खनन गतिविधियों से प्रभावित लोगों के विकास पर किया जाएगा। इस राशि का इस्तेमाल भूख, कुपोषण से लड़ने, बेहतर स्वास्थ्य, पेयजल, सफाई, शिक्षा, कोशल विकास के लिए प्रशिक्षण केन्द्रों, आवासीय, वरिष्ठ नागरिकों और दिव्यांग व्यक्तियों के लिए सामाजिक सुरक्षा पर किया जा सकता है। मीडिया को संबोधित करते हुए नालको के सीएमडी डा चांद ने कहा कि इस कोष को कम लागत से संचालित होना चाहिए और इसे सफल बनाने के लिए प्रति व्यक्ति खपत कम से कम होनी चाहिए। उन्होंने कहा कि यह पद्धति कनाडा समेत कई देशों में सफल रही है, इसलिए हमें उम्मीद है कि इससे लोगों की स्थिति में सुधार होगा। सीएससीएस के चेयरमैन डा सिद्धार्थ शंकर दाश ने कहा कि इस सेमीनार का उद्देश्य तृणमूल स्तर पर लोगों को डिस्ट्रिक्ट मिनरल फंड के बारे में लोगों को जागरूक करना और इस कोष का इस्तेमाल कैसे विस्थापित लोगों के लिए किया जा सकेगा है। साथ ही लोगों की आजीविका, स्वास्थ्य, शिक्षा और अन्य जरूरतों को पूरा किए जाने पर ध्यान दिया जाना डीएमएफ का लक्ष्य है। सभी प्रतिभागियों को प्रमाणपत्र प्रदान किया गया। सीएससीएस सदस्य विभु प्रसाद स्वाई ने अंत में धन्यवाद ज्ञापन किया।